# ଦୁର୍ନୀତି - ନିବାରଣ ନୁହେଁ ଅ'କାରଣ

**ମୀନାକ୍ଷୀ ପ୍ରଧାନ**
**ଉପଆରକ୍ଷୀ ନିରୀକ୍ଷକ**
ଦୁର୍ନୀତି ନିବାରଣ ନିର୍ଦ୍ଦେଶାଳୟ, କଟକ

ଆରମ୍ଭ-ବିକାଶ-ବିଲୟ ଗୋଟିଏ ତ୍ରିଭୁଜର ତିନୋଟି ବାହୁ । ଭ୍ରଷ୍ଟ ବ୍ୟକ୍ତିତ୍ୱଟିଏ ଆରମ୍ଭ ହୁଏ ଏନ୍ତୁଡ଼ିଶାଳରୁ, ପ୍ରତିପାଳିତ ହୁଏ ଓ ବୃଦ୍ଧି ପାଏ, ପିତା-ମାତା-ଗୁରୁ-ସହପାଠୀ (ପତ୍ନୀ-ପତି) ଜ୍ଞାତିକୁଟୁମ୍ବଙ୍କ ମଧ୍ୟରେ । ପ୍ରବଳ ହୁଏ, ନୈତିକତା ହରାଇବାର ସୀମାନ୍ତରେ ପହଞ୍ଚିଗଲେ । ଶେଷହୀନ କାମନା ବାସନା ଅମୃତତୁଲ୍ୟ ମନୁଷ୍ୟକୁ ଏ ହୀନସ୍ତରକୁ ଆଣି ପଥଭ୍ରଷ୍ଟ କରାଏ । କାମ-କ୍ରୋଧ-ଲୋଭ-ମୋହ-ମଦ-ମାତ୍ସର୍ଯ୍ୟ ଏ ଛ ଶତ୍ରୁ ତାକୁ ବିପଥଗାମୀ କରନ୍ତି । ଉଚ୍ଚାରଣ ଓ ଆଚରଣର ଭିନ୍ନତା ହେତୁ ଆଜି ଏ ମହାବିପଦ ।

ଯଦି ଗୋଟିଏ ଦେଶର ନାରୀମାନେ ସୁଖୀ, ସ୍ୱାସ୍ଥ୍ୟବତୀ ଓ ପବିତ୍ର ହୁଅନ୍ତି, ତେବେ ସେ ଦେଶର ପୁରୁଷମାନେ ପରିଶ୍ରମୀ, ସଚ୍ଚୋଟ ଓ ସୁଖୀ ହେବେ । ସବୁଠାରୁ ସବଳତମ ବୀରପୁରୁଷ ମଧ୍ୟ 'କାନ୍ତାଦାସ' (ପତ୍ନୀର ଚାକର) ଅଟେ ଅର୍ଥାତ୍ ପତ୍ନୀ ନିର୍ଦ୍ଦେଶରେ ପରିଚାଳିତ ହୁଏ । ତେଣୁ ବ୍ୟକ୍ତିଗତ ବିକାଶ ନୈତିକ ଚରିତ୍ର ଗଠନ ଓ ସାମାଜିକ ଅଭ୍ୟୁଥାନରେ ନାରୀର ଭୂମିକା ଗୁରୁତ୍ୱପୂର୍ଣ୍ଣ । ପ୍ରତ୍ୟେକ ନାରୀ ମାନସିକ ଶାନ୍ତି, ସାମାଜିକ ଐକ୍ୟ, ସେବା ଏବଂ ଆର୍ଥିକ ସନ୍ତୋଷର କୌଶଳ ଶିକ୍ଷା କରନ୍ତୁ । ସେମାନଙ୍କ ମଧ୍ୟରେ ମିଥ୍ୟା ପ୍ରତି, ନୈତିକ ସ୍ଖଳନ ପ୍ରତି ଭୀତି ବିକଶିତ ହେଉ । ସେ ମାଟିମାଆ, ଭବିଷ୍ୟତ ବୃକ୍ଷର ଆଧାର, ଉନ୍ନତ ବୀଜ ସୁସ୍ଥ-ସୁନ୍ଦର ମାଟିରେ ପଡ଼ିଲେ ଦେଶର ଭବିଷ୍ୟତ ଜନ୍ମନେବ, ସକଳ ଦୁର୍ବଳତାର ଉର୍ଦ୍ଧ୍ୱରେ ରହି, ବିଶ୍ୱବାସୀଙ୍କୁ, ଆଲୋକ ପ୍ରଦାୟୀ ହେବ, ରୋଗମୁକ୍ତ ସୁସ୍ଥ ମାନବ ହେବ ।

ପାପଭୀତି ଓ ଦୈବପ୍ରୀତି ହୃଦୟରୁ ଅପସରି ଯାଇ ମନୁଷ୍ୟଠାରେ ମାନବିକତାର ହ୍ରାସ ଘଟାଉଛି । ଏହାହିଁ ପୃଥିବୀରେ ଅଶାନ୍ତିର କାରଣ । ଅନ୍ୟମାନଙ୍କ କଥାରେ ବିଭ୍ରାନ୍ତ ହେବା ଏବଂ ଦିବ୍ୟପ୍ରେମର ପବିତ୍ରତାରୁ ଦୃଷ୍ଟି ହଟାଇବା ଉଚିତ୍ ନୁହେଁ । ଇର୍ଷାଳୁ ଲୋକମାନେ ଗୁଜବ ସୃଷ୍ଟି କରନ୍ତି । ପ୍ରକୃତ ସୁଖ କଷ୍ଟରୁ ହିଁ ନିସୃତ ହୁଏ ।

ଜିହ୍ବେ ରସଜ୍ଞେ ମଧୁରପ୍ରିୟା ତ୍ୱଂ ସତ୍ୟଂ ହିତଂ ତ୍ୱାଂ

ପରମଂ ବଦାମି

ଆବର୍ଣ୍ଣୟେଥା ମଧୁରାକ୍ଷରାଣି

ଗୋବିନ୍ଦ ଦାମୋଦର ମାଧବେତି ।

ପବିତ୍ର ବଚନ ଉଚ୍ଚାରଣ କରିବା ପାଇଁ ଉଦ୍ଦିଷ୍ଟ ଜିଭକୁ ଅନ୍ୟମାନଙ୍କର ସମାଲୋଚନା ପାଇଁ ପ୍ରୟୋଗ କରାଯାଉଛି । ଏପରି ଲୋକର ଭାଗ୍ୟକୁ କେହି ଶବ୍ଦରେ ବର୍ଣ୍ଣନା କରିପାରିବ ନାହିଁ । ସତ୍ୟଂବଦ, ଧର୍ମଂଚର । ଆଜି ମଣିଷର ମନ ଭିତରେ କ'ଣ ଅଛି, ତାହା କେହି ଜାଣେ ନାହିଁ, କାରଣ ତା'ର ଚିନ୍ତା, ବଚନ ଓ କର୍ମ ସଂପୂର୍ଣ୍ଣ ରୂପେ ପୃଥକ । ଦୁର୍ନୀତିର ବୀଜ ବପନ ଏହିଠାରୁ ଆରମ୍ଭ ହୁଏ । ତୁମେ ତୁମ ପିତାମାତାଙ୍କ ଆଦେଶ ପାଳନକର । ତୁମେ ଭବିଷ୍ୟତରେ ଆଦର୍ଶ ପିତାମାତା ହୁଅ । ଏ କଥା ତୁମେ ତୁମ ସନ୍ତାନମାନଙ୍କୁ ମଧ୍ୟ ଶିକ୍ଷା ଦେବା ଉଚିତ୍ । ଭାରତ ଭୂମିରେ ଧୈର୍ଯ୍ୟ ହେଉଛି ବଡ଼ ଧନ । ସବୁ ସଂକଳ୍ପ ଭିତରେ ସତ୍ୟାନୁଶୀଳନ ହେଉଛି ସବୁଠାରୁ ମଡ଼ ତପ । ସବୁଠାରୁ ମଧୁରତମ ଭାବ ହେଉଛି ମାତାଙ୍କ ପ୍ରେମ । ପୂଣ୍ୟଭୂମୀ, ତ୍ୟାଗଭୂମୀ, ଯୋଗଭୂମୀ ଭାରତବର୍ଷ । ତ୍ୟାଗ ତୁମକୁ ତେଜସ୍ୱୀ କରେ । ଭୋଗ ତୁମକୁ ହୀନମନା କରେ । ଭ୍ରଷ୍ଟପଥର ପଥିକ ହେବାକୁ ପ୍ରବର୍ତ୍ତାଏ ।

ପ୍ରତ୍ୟେକ ମନୁଷ୍ୟ ସର୍ବଦା ମନେରଖିବା ଉଚିତ୍ ।

ଭାର୍ଯ୍ୟା ସନ୍ତାନ ଆସନ୍ତି ଯାଆନ୍ତି

ରାଜ୍ୟ ସୁଖ ଭୋଗ ଆସେ ଯାଏ ସତ୍ୟ ଏକା ଚୀରସ୍ଥାୟୀ

ଆତ୍ମୀୟ ସୋଦର ଆସନ୍ତି ଯାଆନ୍ତି ସତ୍ୟ ଏକା ଚୀରସ୍ଥାୟୀ

ପ୍ରତିଷ୍ଠା କ୍ଷମତା ଆସେ ଓ ଯାଏ ସତ୍ୟ ଏକା ଚୀରସ୍ଥାୟୀ

ସତ୍ୟର ପଥ ଅଜାଡ଼ି ଦିଅଇ ସବୁ ସୁଖ ଓ ସମୃଦ୍ଧି

ସତ୍ୟର ପଥ ଅଜାଡ଼ି ଦିଅଇ ସବୁ ତେଜ ବୀର୍ଯ୍ୟ ଆତ୍ମଶାନ୍ତି

ଏ ଦୁନିଆରେ ନାହିଁ ଆଉ କିଛି ସତ୍ୟଠୁ ବଳି ସମୃଦ୍ଧି ।

ଜଣେ ନିଜ ଆୟଠାରୁ ଅଧିକ ଚାହେଁ କାହିଁକି ? ପ୍ରତ୍ୟେକ ଆତ୍ମୀୟ ସ୍ୱଜନଙ୍କୁ ସୁଖୀ କରିବାକୁ ସେ ଚେଷ୍ଟା କରେ । ମହତ୍ ଉଦ୍ଦେଶ୍ୟ କିନ୍ତୁ ପଥ କଳଙ୍କିତ । ଯାତ୍ରା ସୁଗମ ହୁଏନା ସେ ଝୁଣ୍ଟି ପଡ଼େ । ରାତି ପାହିଲେ ପତ୍ନୀର ଲମ୍ବା ଚିଠା, ପିଲାଙ୍କର ଡ଼ିମାଣ୍ଡ, ପିତାମାତାଙ୍କର ଅଧିକ ଆଶଣ ............. ବିଚରା ବେତନଭୋଗୀ କରିବ କ'ଣ ? ନିଜକୁ କର୍ତ୍ତା ଭାବେ, ତେଣୁ ଦୁଃଖ ପାଏ । ସେ ଯେ ଈଶ୍ୱରଙ୍କ ହାତରେ ଏକ ଯନ୍ତ୍ର (କ୍ରୀଡ଼ନକ) ଏକଥା ପୋଶୋରୀ ଦିଏ । ସ୍ୱଳ୍ପ ସମୟପାଇଁ ହେଉପଛେ ଗର୍ବ, ଦମ୍ଭ, ଈର୍ଷା, ଦ୍ୱେଷ, ମମକାର ତାକୁ କବଳିତ କରେ । କୁପଥକୁ ଟାଣିନିଏ । ଅନ୍ୟାୟ-ଅଧର୍ମ କର୍ମକୁ ସେ ଠିକ ବୋଲିଭାବେ ଓ କରିଚାଲେ । ସତ୍ ସଂଘରେ ମନ ବଦଳି ଯାଏ । ବିବେକ ଜାଗି ଉଠେ ।

ଖୁସୀ ବାଣ୍ଟିଲେ ବଢ଼େ
ବିଦ୍ୟା ଦାନରେ ବଢ଼େ
ରକ୍ତ ଜମାଟ ବାନ୍ଧିଲେ ଅପକାରୀ
ଅର୍ଥ ଠୁଳ କଲେ ଅପକାରୀ
ବହିଲେ, ପ୍ରବାହିତ ହେଲେ ହିତକାରୀ

Be natural to people, God will be supernatural for you.

ପାଞ୍ଚ ଫୁଟ-ଛଅ ଫୁଟ ଶରୀର ପାଇଁ ଖଣ୍ଡେ ବାସଗୃହ, ଦୁଇ ଖଣ୍ଡ ପୋଷାକ । ଏ, ବି, ସି ଯୁକ୍ତ ଖାଦ୍ୟ ପାନୀୟ୍ ଏବଂ ଆତ୍ମୀୟ୍ ପରିଜନଙ୍କ ପାଇଁ ଆଦର୍ଶ ସୁସ୍ଥ ଜୀବନ ଯାପନ । କୁପଥରେ ଅର୍ଜିତ ଧନ ସୁପଥ ଯାତ୍ରାର ବିରୋଧକ । ମାତୃଗର୍ଭରୁ ଭୂମିଷ୍ଠ ହେବାଠାରୁ, ଧରୀତ୍ରୀ ମା ଗର୍ଭକୁ ଯିବା ପର୍ଯ୍ୟନ୍ତ, ଯାତ୍ରାର ଜୀବନ । ତେଣୁ, ହେ ଆତ୍ମନ ......... ଆମୃତସ୍ୟ ପୁତ୍ରାଃ ........... ନିଜ ସ୍ୱରୂପକୁ ଦେଖ । ଆତ୍ମ ସନ୍ତୋଷ ଲାଭ କର । ଖୁସୀରେ ରୁହ । ସଦା ସନ୍ତୁଷ୍ଟ ହୁଅ । ଇନ୍ଦ୍ରିୟ୍ ଲାଳସା ଠାରୁ ଦୂରେଇ ଯାଅ ସୁଖୀ ହେବ, ମହାନନ୍ଦରେ ଜୀବନଯାତ୍ରା ଶେଷ କର । ଆତ୍ମୋନ୍ନତି ସଚ୍ଚୋଟତାରେ ସମ୍ଭବ ଶରୀର ସୁଖ ଦେଖିଲେ, ଆତ୍ମ ଅବନତି ଆରମ୍ଭ ହୁଏ । ତେଣୁ ସୁସ୍ଥତା-ସତ୍ୟରୁ ଆସେ । ସତ୍‌ଚିନ୍ତା, ସତ୍ କଥା, ସତ୍ କର୍ମ ହିଁ ସୁଧାବତ୍ ଆଶୀର୍ବାଦ ପ୍ରଦାନ କରେ ମାନବକୁ । ମାନବର ଯାତ୍ରା ମାଧବତ୍ୱରେ ଶେଷ ହୁଏ । ଏତେ ଉନ୍ନତ ଆତ୍ମାରେ ସେ ପରିଣତ ହୁଏ ଯେ, ଉଦୟ୍ ସୂର୍ଯ୍ୟପରି କାନ୍ତି ଧାରଣ କରେ, ପ୍ରଚଣ୍ଡ ମଧ୍ୟାହ୍ନ ପରି ତେଜ ବିକିରଣ କରେ ଏବଂ ସମସ୍ତ ଦୁଃଖୀ ତାପଗ୍ରସ୍ତ ହୃଦୟ୍‌କୁ ଶୀତଳତା ପ୍ରଦାନ କରିବାରେ ସହାୟ୍‌କ ହୋଇଥାଏ ।

ଆସନ୍ତୁ ଆମେ ଆମ ଦିବ୍ୟ ସ୍ୱଭାବକୁ ପୁଣି ମନେ ପକାଇବା । ବିବେକର ଦର୍ପଣରେ ନିଜ ପ୍ରତିଛବି ଦେଖିବା । ଆମେ ସିଂହ ଶାବକ-ଶୃଗାଳ ନୋହୁଁ ଏ କଥାକୁ ପୁନଃ ଉଜ୍ଜିବିତ କରି ଜାଗ୍ରତ ହେବା । ମୃତ୍ୟୁ ଲୋକରେ ଅମୃତତତ୍ତ୍ୱକୁ ଯାତ୍ରା କରିବା 'ରେ ଆତ୍ମ ନିଦ୍ରା ପରିହରି ..... କରକର ନିରିକ୍ଷଣ ଏ ଜୀବନ ସ୍ରୋତ ଧାଁଉଛି କିପରି ।

ଆତ୍ମ ସମୀକ୍ଷା କରନ୍ତୁ ...........

ତିଳ ମଧ୍ୟେ ତୈଳ, ପୁଷ୍ପରେ ମଧୁ, କ୍ଷୀରରେ ଘୃତ କିଏ ସେ ଭରିଲା ? ମଳୟ ସ୍ପର୍ଶରେ ଲିମ୍ବକୁ ଚନ୍ଦନରେ ପରିବର୍ତ୍ତନ କଲା । ଶିଶୁର କ୍ରନ୍ଦନ ରୋଳରେ ମାତୃ ସ୍ତନରୁ ସୁଧା ନିର୍ଝରୀତ ହେଲା । ନିର୍ମଳ ଆକାଶରେ ପୂର୍ଣ୍ଣିମା ଜହ୍ନ ........... ସବୁଜ ପୁଷ୍କରିଣୀରେ ନୀଳ-ଲାଲି କଇଁ କିଏ ସଜାଇଲା, ଦେଖିଲେ ମନ ଆନନ୍ଦରେ ଭରିଯାଏ । ପ୍ରଥମ ବର୍ଷାର ସ୍ପର୍ଶରେ ........... ମାଟିର ଗନ୍ଧକୁ କିଏ ଭଲ ନ ପାଏ ? ବର୍ଷାକୁ ଦେଖି ନୃତ୍ୟରତ ମୟୁରୀର ମାଧୁର୍ଯ୍ୟ ସୌନ୍ଦର୍ଯ୍ୟ ଦର୍ଶନ କରିବାକୁ କାହାକୁ ଭଲ ନଲାଗେ ? ମା'ର ପଣତ କାନିରେ ମୁହଁ ପୋଛିବାକୁ କିଏ ଭଲ ନ ପାଏ ? ମା'କୋଳଠାରୁ ନିର୍ଭୟ ସ୍ଥାନ କେଉଁଠି ଅଛି ? ପ୍ରଜାବତ୍ସଳ ଶାସକଠାରୁ ନ୍ୟାୟ କିଏ ନ ପାଏ ? ଭଲ ମଣିଷ ଟିଏ ହେବାର ସ୍ୱପ୍ନ କାହାର ନାହିଁ ? ଅମୃତତ୍ୱ ଲାଭ କରିବା, ଇଚ୍ଛା କିଏ ନକରେ ?

ମନୁଷ୍ୟ ମାତ୍ରକେ ଦିବ୍ୟପ୍ରେମଧାରୀ । ପ୍ରେମମୟ ହୃଦୟ । ସେଠାରେ ପାପାଚାର ଭ୍ରଷ୍ଟାଚାର ପାଇଁ ସ୍ଥାନ କାହିଁ ? ସୁବର୍ଣ୍ଣପକ୍ଷୀ ଆମେ, ଅମୃତ ଆମର ଖାଦ୍ୟ । ଦିବ୍ୟ ଆମର ସ୍ୱଭାବ । କେବେବି ଧରି ହୁଏନାହିଁ ଧନ । କେବେବି ରହିବ ନାହିଁ ଜୀବ ବା ଜୀବନ ।

**ଜୟ ହିନ୍ଦ୍**

***